ଭି. ଲକ୍ଷ୍ମୀନରସମ୍ମା

ବନାମ

ଏ. ୟାଦାୟା (ମୃତ) ଏବଂ ଅନ୍ୟମାନେ

ଦେୱାନୀ ଆବେଦନ ସଂଖ୍ୟା 1849/2002

ଏପ୍ରିଲ 29,2009

**(ଡକ୍ଟର ଅରିଜିତ ପାଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି ନ୍ୟାୟମୂର୍ତ୍ତିଦ୍ୱୟ)**

*ଆନ୍ଧ୍ରପ୍ରଦେଶ ଜମି ଜବରଦଖଲ ( ନିଷେଧ ) ଅଧିନିୟମ , 1982 - ଏହି ଅଧିନିୟମ ଅନୁଯାୟୀ ନ୍ୟାୟଧିକରଣ ଏବଂ ସ୍ୱତନ୍ତ୍ର ଅଦାଲତ ଗଠନ କରାଗଲା – ପ୍ରତିକୂଳଦଖଲର ପ୍ରଶ୍ନର ଅନୁଧ୍ୟାନ କରିବା ପାଇଁ ସେଗୁଡିକର କ୍ଷେତ୍ରାଧିକାର - ସ୍ୱତନ୍ତ୍ର ଅଦାଲତଙ୍କର ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରାଗଲା ।*

*କୋଣ୍ଡା ଲକ୍ଷ୍ମଣ ବାପୁଜୀ ବନାମ ଆନ୍ଧ୍ର ପ୍ରଦେଶ ସରକାର ଏବଂ ଅନ୍ୟମାନେ (2002) 3 SCC 258 ଏବଂ ଏନ୍. ଶ୍ରୀନିବାସ୍ ରାଓ ବନାମ ଆନ୍ଧ୍ରପ୍ରଦେଶ ଜମି ଜବରଦଖଲ ( ନିଷେଧ ) ଅଧିନିୟମ ଅନୁଯାୟୀ ଗଠିତ ସ୍ୱତନ୍ତ୍ର ଅଦାଲତ ଏବଂ ଅନ୍ୟମାନେ 2006 ( 4) SCC 214 ମାମଲା ଗୁଡିକୁ ସୂଚିତ କରାଗଲା ।*

**ନଜିର୍ ସୂଚନା**

| | | |
|---|---|---|
| **(2002) 3 SCC 258** | **ଅନୁଚ୍ଛେଦ 1 କୁ** | **ସୂଚିତ କରାଗଲା ।** |
| **2006 (4) SCC 214** | **ଅନୁଚ୍ଛେଦ 1 କୁ** | **ସୂଚିତ କରାଗଲା ।** |

ଦେୱାନୀ ଆବେଦନ ଅଧିକରିତା : ଦେୱାନୀ ଆବେଦନ ସଂଖ୍ୟା 1849/ 2002

ଫୌଜଦାରୀ ଆବେଦନ ସଂଖ୍ୟା 1850/2002 ସହିତ ଆଜ୍ଞାଦେଶ ଆବେଦନ ସଂଖ୍ୟା 15844/1992 ରେ ହାଇଦ୍ରାବାଦ ସ୍ଥିତ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତାରିଖ 18.11.2000 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଉପସ୍ଥିତ ପକ୍ଷଗୁଡ଼ିକ ପାଇଁ ୱାଇ. ରାଜା ଗୋପାଳ ରାଓ, ଅନ୍ନମ ଡି. ଏନ୍. ରାଓ, ମନୋଜ ସକ୍ସେନା, ରାହୁଲ ଶୁକ୍ଳା, ଟି. ଭି. ଜର୍ଜ, ନିଖିଲ ନାୟାର୍ ।

ନ୍ୟାୟମୂର୍ତ୍ତି ଅରିଜିତ ପଶାୟତଙ୍କ ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

1.ଏହି ଆବେଦନଗୁଡ଼ିକର ଶୁଣାଣି ସମୟରେ ଏହା ଲକ୍ଷ୍ୟ କରାଯାଇଥିଲା ଯେ ଦୁଇ ଜଣ ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଦିଆଯାଇଥିବା ଏହି ନ୍ୟାୟାଳୟଙ୍କର ଦୁଇଟି ନିଷ୍ପତ୍ତି ବିପରୀତ ମତ ପ୍ରକାଶ କରିଥିଲା ଏବଂ ଏହି ମାମଲା ଏକ ବୃହତ ଖଣ୍ଡପୀଠଙ୍କ ନିକଟକୁ ବିଚାରାର୍ଥେ ପ୍ରେରଣ କରାଗଲା । ଏହି ବିବାଦ ଆନ୍ଧ୍ର ପ୍ରଦେଶ ଜମି ଜବରଦଖଲ (ନିଷେଧ) ଅଧିନିୟମ, 1982 (ସଂକ୍ଷେପରେ 'ଅଧିନିୟମ') ସହ ଜଡ଼ିତ ।ଏକ ବୃହତ ଖଣ୍ଡପୀଠଙ୍କ ନିକଟକୁ ବିଚାରାର୍ଥେ ପ୍ରେରଣ କରିବା ସମୟରେ ଖଣ୍ଡପୀଠ ଯେଉଁ ଦୁଇଟି ନିଷ୍ପତ୍ତି ବିଷୟରେ ଉଲ୍ଲେଖ କରିଥିଲେ, ସେଗୁଡ଼ିକ ହେଲା କୋଣ୍ଡା ଲକ୍ଷ୍ମଣ ବାପୁଜୀ ବନାମ ଆନ୍ଧ୍ର ପ୍ରଦେଶ ସରକାର ଏବଂ ଅନ୍ୟମାନେ (2002) 3SCC 258 ଏବଂ ଏନ୍. ଶ୍ରୀନିବାସ୍ ରାଓ ବନାମ ଆନ୍ଧ୍ରପ୍ରଦେଶ ଜମି ଜବରଦଖଲ ( ନିଷେଧ ) ଅଧିନିୟମ ଅନୁଯାୟୀ ଗଠିତ ସ୍ୱତନ୍ତ୍ର ଅଦାଲତ ଏବଂ ଅନ୍ୟମାନେ 2006 ( 4) SCC 214 ମାମଲା । ତିନି ଜଣିଆ ବିଚାରପତିଙ୍କ ଖଣ୍ଡପୀଠଙ୍କ ଦ୍ୱାରା ତାରିଖ 3.3.2009 ରେ ଦିଆଯାଇଥିବା ରାୟରେ ଏହା ନିର୍ଣ୍ଣୟ ନିଆଗଲା ଯେ କୋଣ୍ଡା ଲକ୍ଷ୍ମଣ ବାପୁଜୀ ମାମଲା ( ଉପରୋକ୍ତ ) ସଠିକ ଆଇନ କୁ ନିର୍ଦ୍ଧାରଣ କରେ , ଯେଉଁଠାରେ କି ଏନ୍. ଶ୍ରୀନିବାସ୍ ରାଓ ମାମଲାଟି ଏପରି କରେ ନାହିଁ । ତଦନୁସାରେ ବିଚାରାର୍ଥେ ପ୍ରେରଣ ମାମଲାର ଉତ୍ତର ଦିଆଯାଇଥିଲା । ତିନିଜଣ ବିଚାରପତିଙ୍କ ଖଣ୍ଡପୀଠଙ୍କର ମତ ଥିଲା ଯେ ଏହି ଅଧିନିୟମ ଅନୁଯାୟୀ ଗଠିତ ନ୍ୟାୟାଧିକରଣ/ସ୍ୱତନ୍ତ୍ର ଅଦାଲତ ଜବରଦଖଲ ପ୍ରଶ୍ନକୁ ଅନୁଧ୍ୟାନ କରିବା ପାଇଁ ଆବଶ୍ୟକୀୟ କ୍ଷେତ୍ରାଧିକାର ରହିଛି । ତିନିଜଣ ବିଚାରପତିଙ୍କ ଖଣ୍ଡପୀଠ ଏହା ମଧ୍ୟ ଲକ୍ଷ୍ୟ କରିଥିଲେ ଯେ ଏହା ଏକ କଥା ଯେ ଯେତେବେଳେ ଜଣେ ନୋଟିସ ପ୍ରାପ୍ତ କାରୀ, ପ୍ରଜାସତ୍ତ୍ୱ ଏବଂ ତାଙ୍କ ଜମିର ଦଖଲରେ ରହିବା ଅଧିକାର ର ଜଟିଳ ପ୍ରଶ୍ନ ସହିତ ଜଡିତ ଯଥାର୍ଥ ବିବାଦକୁ ପ୍ରତିରୋଧ କରନ୍ତି, ସେତେବେଳେ ସଂକ୍ଷିପ୍ତ ସାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ । କିନ୍ତୁ, ଏହା ଅନ୍ୟ ଏକ କଥା ଯେ ଯଦିଓ ଉଭୟ ସ୍ୱତନ୍ତ୍ର ଅଦାଲତ ଏବଂ/କିମ୍ବା ନ୍ୟାୟାଧିକରଣ ଯାହାର ଏକ ଦେୱାନୀ ନ୍ୟାୟାଳୟର ସମସ୍ତ କ୍ଷମତା ଅଛି, ସେଗୁଡିକ ଏପରି ଯୁକ୍ତିରେ ପ୍ରବେଶ

କରିବାକୁ ହକଦାର ହେବେ ନାହିଁ l ବିଚାରାର୍ଥେ ମାମଲାର ଉତ୍ତର ମିଳିବା ପରେ ଏହି ପ୍ରସଙ୍ଗଟି ଆମ ସମ୍ମୁଖରେ ଉପସ୍ଥାପିତ ହୋଇଛି l

2. ଆବେଦନକାରୀଙ୍କ ବିଷୟରେ, ସ୍ୱତନ୍ତ୍ର ଅଦାଲତଙ୍କ ଦ୍ୱାରା ନିମ୍ନଲିଖିତ ସିଦ୍ଧାନ୍ତ ନଥିଭୁକ୍ତ କରାଯାଇଛି : -

"25.ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ ମନ୍ଦିର ଏବଂ ଜମିର ତଥାକଥିତ ଉପହାର ସହ ଜଡ଼ିତ ଉତ୍ତରଦାତା ସଂଖ୍ୟା 41 ର ପୂର୍ବପୁରୁଷଙ୍କ ସପକ୍ଷରେ ଦିଆଯାଇଥିବା ଏବଂ ଉତ୍ତରଦାତା ସଂଖ୍ୟା 41 ଙ୍କ ର ବିବୃତିକୁ ଦୃଷ୍ଟିରେ ରଖି ଯେ ତାଙ୍କୁ ପଶ୍ଚିମ ହାଇଦ୍ରାବାଦର ରାଜସ୍ୱ ଖଣ୍ଡ ଅଧିକାରୀଙ୍କ ଦ୍ୱାରା ମାସିକ Rs. 17.22 ଟଙ୍କା ପାରିଶ୍ରମିକ ପ୍ରଦାନ କରି "ପୂଜାରୀ" ଭାବରେ ନିଯୁକ୍ତ କରାଯାଇଛି ବୋଲି କୌଣସି ଦସ୍ତାବିଜ୍ ନ୍ୟାୟାଳୟରେ ଦାଖଲ କରାଯାଇ ନାହିଁ ଏବଂ ପାହାନୀରେ ଥିବା ମନ୍ତବ୍ୟ ତଥା 50 ବର୍ଷର ପୁରୁଣା ଦେବୋତ୍ତର ନଥିରେ ଜମିକୁ ଧାଇବାଗ ମନ୍ଦିରର ଇନାମ ଜମି ଭାବରେ ଦର୍ଶାଯାଇଛି, ତେଣୁ ଆମେ ଏଠାରେ ହୃଦବୋଧ କରିଛୁ ଯେ ଆବେଦନ - ଅନୁସୂଚିତ ଜମି ହେଉଛି ଆବେଦନକାରୀ-ମନ୍ଦିର ଜମି l

27. xxxxx ଯେହେତୁ ଉତ୍ତରଦାତା 41 ଏବଂ ତାଙ୍କ ପୂର୍ବପୁରୁଷମାନେ ମନ୍ଦିରର ପୂଜାରୀ ଅଟନ୍ତି, ତେଣୁ ତାଙ୍କ ବିରୋଧରେ ଉଚ୍ଛେଦ ଆଦେଶ ରହିବ ନାହିଁ lଆମେ ଅନୁଭବ କରୁଛୁ ଯେ ସମସ୍ତ ନ୍ୟାୟସଙ୍ଗତତାର ସହିତ, ଉତ୍ତରଦାତାମାନଙ୍କୁ ଘର ଭାଙ୍ଗିବା ଏବଂ ଆବେଦନ - ଅନୁସୂଚିତ ଜମିରେ ଥିବା ନିର୍ମାଣଗୁଡ଼ିକୁ ସେମାନଙ୍କଠାରୁ ନେଇଯିବା ପାଇଁ କିଛି ସମୟ ଦିଆଯିବା ଉଚିତ l

3. ତିନି ଜଣିଆ ବିଚାରପତିଙ୍କ ଖଣ୍ଡପୀଠଙ୍କ ରାୟକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଅଦାଲତଙ୍କର ସିଦ୍ଧାନ୍ତ ଏଠାରେ କାର୍ଯ୍ୟକ୍ଷମ ହେବ l

4. ତଦନୁସାରେ ଆବେଦନଟିର ଫଇସଲା କରାଯାଇଛି l

5. ଫୌଜଦାରୀ ଆବେଦନ ସଂଖ୍ୟା 1850/2002 କୁ ଏହି ମାମଲାରୁ ପୃଥକ କରାଗଲା l

ବି. ବି. ବି. ଆବେଦନଟିକୁ ଫଇସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।